# State Visit of Chancellor of the Federal Republic of Germany to India (February 25-26, 2023)

February 20, 2023

## ଜର୍ମାନୀର ଚାନ୍ସେଲରଙ୍କ ଭାରତ ଗସ୍ତ (25-26 ଫେବୃଆରୀ 2023)

**ଫେବୃଆରୀ 20, 2023**

ଜର୍ମାନୀର ଚାନ୍ସେଲର ମାନ୍ୟବର ଶ୍ରୀ ଓଲାଫ୍ ସ୍କୋଲଜ 25-26 ଫେବୃଆରୀ 2023 ଭାରତ ଗସ୍ତ କରିବେ। ତାଙ୍କ ସହିତ ବରିଷ୍ଠ ଅଧିକାରୀ ଏବଂ ଏକ ଉଚ୍ଚସ୍ତରୀୟ ବ୍ୟବସାୟିକ ପ୍ରତିନିଧି ଦଳ ଆସିବେ। ସେ 25 ଫେବୃଆରୀ 2023 ରେ ନୂଆଦିଲ୍ଲୀରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି ଏବଂ 26 ଫେବୃଆରୀ 2023 ରେ ବେଙ୍ଗାଲୁରୁ ଗସ୍ତ କରିବେ।

2. ଚାନ୍ସେଲର ସ୍କୋଲଜଙ୍କ ଭାରତକୁ ଏହା ପ୍ରଥମ ଗସ୍ତ ହେବ। 2011 ରେ ଦ୍ୱିବର୍ଷୀୟ ଆନ୍ତଃ-ସରକାରୀ ବିଚାର ବିମର୍ଷ (ଆଇଜିସି) ମେକାନିଜିମ ଆରମ୍ଭ ହେବା ପରଠାରୁ ଏହା ହେଉଛି ଜର୍ମାନୀ ଚାନ୍ସେଲରଙ୍କ ଭାରତକୁ ପ୍ରଥମ ସ୍ୱତନ୍ତ୍ର ଗସ୍ତ। ଏହି ମେକାନିଜିମ ଏକ ସମ୍ପୂର୍ଣ୍ଣ ସରକାରୀ ଫ୍ରେମୱାର୍କ ଯେଉଁଥିରେ ଉଭୟ ଦେଶର ମନ୍ତ୍ରୀମାନେ ନିଜ ନିଜ କ୍ଷେତ୍ର ଉପରେ ଆଲୋଚନା କରନ୍ତି ଏବଂ ପ୍ରଧାନମନ୍ତ୍ରୀ ଏବଂ ଚାନ୍ସେଲରଙ୍କୁ ଆଲୋଚନାର ଫଳାଫଳ ବିଷୟରେ ରିପୋର୍ଟ କରନ୍ତି।

3. ରାଷ୍ଟ୍ରପତି ଭବନରେ ଚାନ୍ସେଲର ସ୍କୋଲଜଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯିବ। ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ପ୍ରଧାନମନ୍ତ୍ରୀ ଏବଂ ଚାନ୍ସେଲର ଆଲୋଚନା କରିବେ। ସେମାନେ ଉଭୟ ପକ୍ଷର ସିଇଓ ଏବଂ ବ୍ୟବସାୟିକ ନେତାମାନଙ୍କ ସହ ମଧ୍ୟ ବାର୍ତ୍ତାଳାପ କରିବେ।

4. ଚାନ୍ସେଲର ସ୍କୋଲଜ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟ ଭେଟିବେ।

5. ଭାରତ-ଜର୍ମାନୀ ରଣନୀତିକ ଭାଗିଦାରୀ ସହଭାଗୀ ମୂଲ୍ୟବୋଧ, ବିଶ୍ୱାସ ଏବଂ ପାରସ୍ପରିକ ବୁଝାମଣା ଉପରେ ଆଧାରିତ। ଦୃଢ ପୁଞ୍ଜି ବିନିଯୋଗ ଓ ବାଣିଜ୍ୟ ସଂଯୋଗ, ସବୁଜ ଓ ସ୍ଥାୟୀ ବିକାଶ କ୍ଷେତ୍ରରେ ସହଯୋଗ ଏବଂ ବଢୁଥିବା ଲୋକ ସମ୍ପର୍କ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିଛି। ୟୁଏନଏସସି ସଂସ୍କାର ପାଇଁ ଜି4 ର ଅଂଶ ଭାବରେ ଭାରତ ଏବଂ ଜର୍ମାନୀ ମଧ୍ୟ ବହୁପକ୍ଷୀୟ ଓ ଆନ୍ତର୍ଜାତିକ ମଞ୍ଚରେ ଘନିଷ୍ଠ ଭାବରେ କାର୍ଯ୍ୟ କରନ୍ତି।

6. ଚାନ୍ସେଲର ସ୍କୋଲଜଙ୍କ ଭାରତ ଗସ୍ତ ଉଭୟ ପକ୍ଷକୁ ଷଷ୍ଠ ଆଇଜିସିର ମୁଖ୍ୟ ଫଳାଫଳ ଉପରେ ସମୀକ୍ଷା କରିବାକୁ ତଥା ଅଗ୍ରଗତି କରିବାକୁ, ସୁରକ୍ଷା ଓ ପ୍ରତିରକ୍ଷା ସହଯୋଗକୁ ସୁଦୃଢ କରିବାକୁ, ନିବିଡ ଅର୍ଥନୈତିକ ସମ୍ପର୍କ ଦିଗରେ କାର୍ଯ୍ୟ କରିବାକୁ, ପ୍ରତିଭାର ଗତିଶୀଳତା ପାଇଁ ସୁଯୋଗ ବୃଦ୍ଧି କରିବାକୁ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଚାଲିଥିବା ସହଯୋଗ ପାଇଁ ରଣନୀତିକ ମାର୍ଗଦର୍ଶନ ପ୍ରଦାନ କରିବାକୁ ସାହାଯ୍ୟ କରିବ।

**ନୂଆଦିଲ୍ଲୀ**

**ଫେବୃଆରୀ 20, 2023**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.